ମୁଁ କାହାର ?

ଶ୍ରୀ ଦାମୋଦର ମିଶ୍ର

ପ୍ରଣୀତ ।

ଶ୍ରୀ ଦାଶରଥିଗୁପ୍ତଙ୍କ ଦ୍ୱାରା

ପ୍ରକାଶିତ ।

ବାମଣ୍ଡା ସୁଜଳ ପ୍ରେସରେ

ମୁଦ୍ରିତ

୧୮୯୩

Digitized by PPRACHIN, SOA

ମୁଁ କାହାର ?

ରାଗ ବସନ୍ତ ।

ଦୟାମୟ ଦୀନବନ୍ଧୁ ଜଗତଈଶ୍ୱର ।
ଜଗଦେକଗୁରୁ ନାଥ ସର୍ବଗୁଣାକର ॥ ୧ ॥
ସ୍ଥାବର ଜଙ୍ଗମ ଯେତେ ଅଛି ବର୍ତ୍ତମାନ ।
ସୃଷ୍ଟିକଲେ କର ନରସକଳେ ପ୍ରଧାନ ॥ ୨ ॥
ପିତା ମାତା ଭ୍ରାତା ଭଗ୍ନୀ ଜାୟା ସହୋଦର ।
ସକଳ ସମ୍ବନ୍ଧବିଧି କଲେ କୌତୁକର ॥ ୩ ॥
ଧର୍ମ ଅର୍ଥ କାମ ମୋକ୍ଷ କର ସମ୍ପ୍ରଦାନ ।
ଭାରଗର୍ବ ନାଶେ ଷଡରିପୁର ବିଧାନ ॥ ୪ ॥
ଦୟା ଭକ୍ତି ପ୍ରେମ ସ୍ନେହ ଯେତେ ବିଧି ।
ସଦା କୌତୁକରେ ସୃଷ୍ଟି କଲେ ଦୟାନିଧି ॥

Digitized by PPRACHIN, SOA

ନଷ୍ଟାନଷ୍ଟ ଧର୍ମାଧର୍ମ ଜ୍ଞାନାଜ୍ଞାନ ଭାବ ।
ଯୁକ୍ତାଯୁକ୍ତ କପଟତା ସରଳ ସ୍ୱଭାବ ॥ ୨ ॥
ମାୟା କାୟା-ସହଚରୀ ବିହରନ୍ତି ସଙ୍ଗେ ।
ଧୈର୍ଯ୍ୟ ଭୟ, କ୍ଷମା ପୁଣି ବିଲସିଲେ ରଙ୍ଗେ ॥
ପ୍ରବୃତ୍ତିର ଗର୍ବ ହେଲାଭାର ଅନୁଗତ ।
ପଡ଼ିଲେ ନିର୍ଭୀକକରେ ନରଖେ ମହତ୍ ॥ ୮ ॥
ସଂସାର ବିଳାସ କ୍ଷେତ୍ର ପରମ ସୁନ୍ଦର ।
ମେଧାବୀ ଚଚସାହସ୍ ଶକ୍ତି ଅଗୋଚର ॥ ୯ ॥
ହିମାଦ୍ରି-ପ୍ରାନ୍ତର ଦୂରଗତ-ପ୍ରବାହିନୀ ।
ପାଦପପୁଞ୍ଜିତ-ବନ-କୁସୁମ ଶୋଭିନୀ ॥ ୧୦ ॥
ଅଭ୍ରଙ୍କଂଷ ଦୀର୍ଘବାହୁ ବିଶାଳଭୂଧର ।
ନିର୍ମଳ କମଳାକର ସୁରମ୍ୟନିର୍ଝର ॥ ୧୧ ॥
ଚତୁଷ୍ପଦ ସଙ୍ଗେ ପକ୍ଷୀକୁଳହିଁ ଘଟନ ।
ଜଗଦେକ ଗୁଣବ୍ୟାଖ୍ୟା କରିବା କାରଣ ॥ ୧୨ ॥
ଏପରି କୌତୁକେ ହେତୁ କଲେ ସବୁ ସୃଷ୍ଟି ।
ପୁଲକିତ ହେଲେ କରି ଦିବ୍ୟନେତ୍ରେ ଦୃଷ୍ଟି ॥ ୧୩

Digitized by PPRACHIN, SOA

ନିର୍ବିକାରରୂପା ମାୟା ନିର୍ଦ୍ଦେଶ୍ୟ ଭାବେ ।
ମିଶିଲା ଅନନ୍ତ-ଅନ୍ତଃ ସହିକ-ସ୍ୱଭାବେ ॥୧୪॥
କୁଟିଳ ସରଳ ସ୍ନେହ କର ସଂମିଶ୍ରଣ ।
କଲେ ଦେବ ଲୀଳାବଶେ ରଜ୍ଜୁ ସଂଗଠନ ॥ ୧୫ ॥
ଉତ୍ତମେ ପ୍ରଯୁକ୍ତେ୍ୟ ମନ୍ଦ ଲଭଇ ଉଲ୍ଲଷି ।
ମନ୍ଦ ସହବାସେ ଭଲ ଢେସନ ବିମର୍ଷ ॥ ୧୬ ॥
"ବନ୍ଧୁ ସ୍ୱନ" ଯୋଗମାୟା ଭ୍ରମିଲା ଭୂତଳେ ।
ଏକରେ ମିଶାଇ ଏକ ବାନ୍ଧିଲା କୌଶଳେ ॥୧୭
ବୃକ୍ଷଲତା ଗିରିଦ୍ରୁମଶିଳା ନରନାରୀ ।
ହଂସ ହସ୍ତୀ ଭେକ କେକୀ ପୁଣି ସୂକ ସାରୀ ॥୧୮॥
ଚୌର୍ଯ୍ୟକ୍ରିଡ଼, ଲୋଭ ପାପ ବିନାଶ ସମନ ,
କାୟା ଛାୟା ପିଣ୍ଡ ପ୍ରାଣ ବାରିଦ ଗଗନ ॥ ୧୯
କାମ କ୍ରୋଧ ଲୋଭ ମୋହ ମଦ ମାତ୍ସର୍ଯ୍ୟାଦି,
କୁତୁହଳେ ଅଦୃଷ୍ଟେ ଥିଲେ ଯା ସମ୍ବାଦ ॥ ୨୦
ପରେ ପରେ ଆତ୍ମାମେଳ ଘଟିଲାକ ଯନ୍ତୁଁ ,
ବିଶୃଙ୍ଖଳା ଘନଭାବେ ପ୍ରକଟିଲା ତନ୍ତୁଁ ॥ ୨୧ ॥

Digitized by PPRACHIN, SOA

ହାୟ !! କିକହିବ ମୁହିଁ କେଉଁ ସୁଖାଶାରେ ?
ହଲସନ୍ତି ଯାହାଘେନ ସଦା ଏ ସଂସାରେ ॥ ୧୨
ଯାହାଘେନ ଦୁଃଖ ଗଣି ପଦ ରେଣୁବତ୍ ,
ଦୁଖ ସୁଖ ପ୍ରାୟମଣେ ଯାହାର ସଙ୍ଗତ ॥ ୧୩ ॥
ଧମନୀ ସଂଯୁକ୍ତ ପ୍ରାୟ ଯାହାଠାରେ ମୋହର ,
ପର-ମେଲେ ହେଲ ମୁହିଁ ତାର ସାତପର ॥ ୧୪
ମଣିଲ ଜନକ ଜାତ ସନ୍ତାନ ମମତା ,
ନକରିବେ ମାତାଃ ସଙ୍ଗେ ତ୍ୟଜ୍ୟ କପଟତା ॥
କନ୍ତୁ ଉପାର୍ଜ୍ଜନ ଶକ୍ତି ଯାର ସଦା ହତ ,
କିକରେ ସେ ? ପଙ୍ଗୁ ପକ୍ଷେ ଯେସନ ପର୍ବତ ॥
ଜନତା ଅଗାଧ ପ୍ରେମ ଅମୂଲ୍ୟ ସମ୍ପତ୍ତି-
-ଦାନଶୀଳା ସଦାକାଳେ କୁହୁକିନୀ ମତ ॥ ୧୭ ॥
ଦୁଦ୍ଧିମ୍ୟ ପ୍ରେମରେ ଦୃଢ଼େ କରଣ ବନ୍ଧନ ,
ଅପରର ଇଚ୍ଛା ନଷ୍ଟ ନ ଭାବଇ ମନ ॥ ୧୮ ॥
ପ୍ରକାର-ସୌନ୍ଦର୍ଯ୍ୟ-ଜାଲେ ବାନ୍ଧଇ ମନକୁ ,
ଗ୍ରଉଦଏ ଟେକ ନଇ ନୀଳ ଗଗନକୁ ॥ ୧୯ ॥

Digitized by PPRACHIN, SOA

ଅନନ୍ତ ଯାତନାକ୍ଷେତ୍ରେ ବଦ୍ଧ ଦୁଃଖ ଜାଲ ,
ଭ୍ରମଇ;ଭୂତେଶ ଯଥା ଘେନ ଅଗ୍ନିମାଳ ॥ ୩୦ ॥
ସେଶୋଭା ନଷ୍ଟ ଭାବରେ ନନ୍ଦଶଇ ଥରେ ,
ହାୟ !! ଏସମ୍ବାଦ ସତ୍ୟ ମଣିବେକି ନରେ? ॥ ୩୧
ଭଗିନୀ କୁସୁମ ପ୍ରଭ ଅଞ୍ଚଳ ରତନ ,
କରିଥିଲି ବହୁସୁଖେ ମଣିଦିବ୍ୟ ଧନ ॥ ୩୨ ॥
କିନ୍ତୁରେ ହୃଦୟ ବନେ ଯୌବନ ପ୍ରତାପ ,
ପୁଷ୍ପରୂପେ ଫୁଟି ଜନ୍ମାଇଲା ଅନୁତାପ ॥ ୩୩ ॥
ଫିଙ୍ଗିଦେଇ ଦୂରେ ବାଲବନପ୍ରିୟ ପର ,
ଚଳିଲି କ୍ଷଣକେ ପର-ପଦ-ଅନୁସର ॥ ୩୪ ॥
ଅନାଢ୍ୟ-ବାସନା ଏବେ ବୁଝିଲି ମୁଁ ତାହା ,
କେଅନ କରିବ ? ବଧି ଦଧି କରେ ଯାହା ॥ ୩୫
ଜଗଦେକ ମାନନୀୟ ଜ୍ୟେଷ୍ଠ ସହୋଦର ।
କୁଳ-ହାତା କଳା-ଯୁକ୍ତ-ପୂର୍ଣ୍ଣ ଶଶଧର ॥ ୩୬ ॥
ମଣୁଥିଲି ବଧିବଂଶେ ଯେସନେ ଜନକ ।
ହାୟରେ ଲାଗିଲା ଏବେ ପ୍ରବଳ ଲଜ୍ଜନକ ॥ ୩୭ ॥

Digitized by PPRACHIN, SOA

ଆଶାନ୍ୱିତ ହୋଇ ଯାକୁ ଜଳମୁଁ ଆଶ୍ରୟ ।
ହ ଦୁର୍ଭାଗ୍ୟ ! ସେହ ମୋତେ କଲ ନିଗ୍ରହ ॥ ୩୮ ॥
ଭାବୁଥିଲ ଦୟାଧାର ଗୃହେ ସଦାହ୍ଲଦେ ।
ହାଭ୍ରମ ! ସେ ଶଙ୍କୁ ସଦା ମଣଇଁ ସୁହୃଦେ ॥ ୩୯ ॥
ସିନ୍ଧୁଜଲ ସ୍ୱାଦୁଅଟେ ଯେ ଅପରମେୟ ।
ହାୟହାୟ !! ଲବଣାକ୍ତ ଅଟେକ ଅପେୟ ॥ ୪୦ ॥
ଘର-ଜନଶତ୍ରୁ ପରେସ୍ୱଜନ ମମତା ।
କାହାର ଦାରୁଣହୃଦେ ନଜନ୍ମିବ ବ୍ୟଥା ? ॥ ୪୧ ॥
ଯାହାକୁ ମୁଁ ଭାବୁଥିଲ ସୁଖର ସଂସାର ।
ହାଭ୍ରମ ! ସେଅଟେ ଘୋରନରକର ଦ୍ୱାର ॥ ୪୨ ॥
ମଣିଲ ମୁଁ ହୃତ ମଣି-ଶୋଭନ ତକ୍ଷକ ।
ଜାନୁବେ ସେ କାଳରୂପୀ ପ୍ରାଣ ବିନାଶକ ॥ ୪୩ ॥
ପିତା ମାତା ଭ୍ରାତାଭଗ୍ନୀ ପତ୍ନୀ ସହୋଦର ।
ସବୁଛାଡ ବନ-ବାସ ପ୍ରାପ୍ତ ନିଜ ପର ? ॥ ୪୪ ॥
ମହାକାଳଫଳ ଶୋଭାସାର ବର୍ତ୍ତୁଳ ।
ଅନ୍ତର ରୌରବଛବି ଦେଖିଣ ନଥିଲ ॥ ୪୫ ॥

Digitized by PPRACHIN, SOA

ତେଜ ତେଜ ମନ ଏଥିରେ ନକର ମମତା ।
ଯାରମାତ୍ର ବ୍ୟଥା ମନ ଯାର ମାତ୍ରବ୍ୟଥା ॥୪୭॥
ସୁଖ ସଂସାରରେ ଏକା ଦୁଃଖମାତ୍ର ସାର ।
ଏକା ଏକା ସବେଁ ମନ ! କେନ୍ତେ କାହାର ॥
ଧୈର୍ଯ୍ୟଧର ସ୍ଥିରହୁଅ ନହୋଇ କାତର ।
ଜଗଦେକବନ୍ଧୁ ପାଦପଦ୍ମ ଆଶ୍ରାକର ॥ ୪୮ ॥
ଅନନ୍ତ କୁହୁକଜାଲେ ବନ୍ଧନ ସଂସାର ।
ତେବେ ନଜାଣିରେ ମନ ବୋଲୁ "ମୁଁ କାହାର"
ଭୁଲନାହୁଁ କାହାର କେହୁ ନୁହନ୍ତୁ ତୋହର ।
ଜୀବନ ସମ୍ବଲ ଏକା ଦୟାମୟ ହର ॥ ୫୦ ॥

Digitized by PPRACHIN, SOA

ସଙ୍ଗୀତ ।

ରାଗ ବେହାଗ — ତାଳ ଆଡ

ଦେଖ ଅନିତ୍ୟ ସଂସାର ।

ସାରବୋଲି ମଣୁଅଛ ସମସ୍ତ ଅସାର । ଘୋଷା
ଜଳ, ସ୍ଥଳ ଚରାଚର, ସମସ୍ତ ମାୟାର ଘର,
ଆପଣାର ଭାବୁ ଯାହା ନୁହେ ଆପଣାର । ୧ ।
ଅନ୍ତରେ ହେବ ଯାହା, ସଦା କରୁଥିବ ତାହା ?,
ଭ୍ରାତା, ଭଗ୍ନୀ, ପରିଜନ କେ ନୁହନ୍ତି ତାର । ୨ ।
ଘନେ କ୍ଷଣ ପ୍ରଭା ଯଥା, ସକଳ କ୍ଷଣିକ ତଥା,
ଅନିତ୍ୟ ଚିନ୍ତାରେ ବୃଥା ପାପ ମାତ୍ର ସାର । ୩ ।
ଭବରେ ଚଞ୍ଚଳ ମନ, ପାପ ତାପ ବିନାଶନ,
ପତିତ ପାବନ ଦୀନବନ୍ଧୁ ନିର୍ବିକାର । ୪ ।

ସମାପ୍ତ ।

Digitized by PPRACHIN, SOA